## ଆଜିଠୁ ଆରମ୍ଭ ହେଲା ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ଦୁଇ ଦିନିଆ ମହାଅଧିବେଶନ

# ସୋସିଆଲ ମିଡିଆ ମାଧ୍ୟମରେ ଘରେ ଘରେ ପହଂଚିବ ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନା : ବିଜୟା ରାହତକର

- **ବିରାଟ ସ୍କୁଟି ଶୋଭାଯାତ୍ରାରେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ରାହତକରଙ୍କୁ ସ୍ୱାଗତ**
- **ପ୍ରଥମ ଦିନରେ ସାମାଜିକ ଗଣମାଧ୍ୟମ ପ୍ରତିନିଧି ବୈଠକ**
- **ଆସନ୍ତା କାଲି ବୈଠକରେ ମହିଳା ମୋର୍ଚ୍ଚାର ସମସ୍ତ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପରିଷଦ ପ୍ରାର୍ଥୀ, ନିର୍ବାଚିତ ପଂଚାୟତ ପ୍ରତିନିଧିଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବେ**

**ଭୁବନେଶ୍ୱର, ତା ୩୦/୦୮ :** ମହିଳାମାନଙ୍କର ବିକାଶ ହେଲେ ଦେଶର ବିକାଶ ହୋଇପାରିବ । ଏଥି ସହ ତୃଣମୂଳ ସ୍ତରରେ ବସବାସ କରୁଥିବା ସମସ୍ତ ମହିଳା ଗୋଟିଏ ପ୍ଲାଟଫର୍ମ୍ ମାଧ୍ୟମରେ ଯୋଡି ହୋଇ ନିଜର ହକ୍ ସମ୍ବନ୍ଧରେ ଜାଣିବା ନିହାତି ଆବଶ୍ୟକ । ଆବାଳ ବୃଦ୍ଧ ବନିତାଙ୍କ ପାଇଁ କେନ୍ଦ୍ର ସରକାର ଅନେକ କଲ୍ୟାଣକାରୀ ଯୋଜନା କରିଛନ୍ତି । ସେହି ଯୋଜନା ସମ୍ବନ୍ଧରେ ଜାଣିବା ସହ ପ୍ରକୃତ ହିତାଧିକାରୀଙ୍କ ପାଖରେ ଯୋଜନାଗୁଡ଼ିକୁ ସୋସିଆଲ ମିଡିଆ ମାଧ୍ୟମରେ ପହଂଚାଇବା ପାଇଁ ବିଜେପି ମହିଳା ମୋର୍ଚ୍ଚା ମହାଅଧିବେଶନର ପ୍ରଥମ ଦିନର ସୋସିଆଲ ମିଡିଆ ବୈଠକରେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ବିଜୟା ରାହତକର କହିଛନ୍ତି ।

ଦିନକୁ ଦିନ ସୋସିଆଲ ମିଡିଆର ଶକ୍ତି ବୃଦ୍ଧି ପାଉଛି । ଗାଁଠୁ ସହର ପର୍ଯ୍ୟନ୍ତ ଏବେ ସମସ୍ତେ ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି । ଏହାକୁ ଆଧାର କରି କେନ୍ଦ୍ରୀୟ ଯୋଜନା ଲୋକଙ୍କ ପାଖରେ ପହଂଚିବ । ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସମସ୍ତ କାର୍ଯ୍ୟକର୍ତ୍ତା ଏହି ଦାୟୀତ୍ୱ ହାତକୁ ନେଇ କାର୍ଯ୍ୟ କରିବେ । ଦଳର ସଙ୍ଗଠନକୁ ମଜବୁତ କରିବା ପାଇଁ ସୋସିଆଲ ମିଡିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀମତୀ ରାହତକର କହିଛନ୍ତି ।

ଆଜି ଏକ ବିରାଟ ସ୍କୁଟି ଶୋଭାଯାତ୍ରାରେ ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ରାହତକରଙ୍କୁ ବିମାନବନ୍ଦରରୁ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା । ଶତାଧିକ ସଂଖ୍ୟାରେ ଛାତ୍ରୀ, ଯୁବତୀ ଏବଂ ମହିଳାମାନେ ଏକାଠି ହୋଇ ଶ୍ରୀମତୀ ରାହତକରଙ୍କୁ ସ୍ୱାଗତ କରିଥିଲେ । ଦଳୀୟ କାର୍ଯ୍ୟାଳୟରେ ଶ୍ରୀମତୀ ରାହତକର ପଂହଚି ସୋସିଆଲ ମିଡିଆ ବୈଠକରେ ଉପସ୍ଥିତ ରହି ସୋସିଆଲ ମିଡିଆର ଗୁରୁତ୍ୱ ଏବଂ ମହିଳାମାନଙ୍କୁ ସେମାନଙ୍କର କର୍ତବ୍ୟ ସମ୍ବନ୍ଧରେ ବୁଝାଇଥିଲେ । ପରେ ଶ୍ରୀମତୀ ରାହତକର ଭଦ୍ରକର ଚରଂପା ଠାରେ ଆୟୋଜିତ ଉଜ୍ଜଳାର ରୋଷେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଆସନ୍ତାକାଲି ମହିଳା ଅଧିବେଶନର ଦ୍ୱିତୀୟ ଦିନର ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ମହିଳା ମୋର୍ଚ୍ଚାର ସମସ୍ତ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପରିଷଦ ପ୍ରାର୍ଥୀ, ନିର୍ବାଚିତ ପଂଚାୟତ ପ୍ରତିନିଧିଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେବେ । ଏହି ବୈଠକରେ ଶ୍ରୀମତୀ ରାହତକର, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିବେ ବୋଲି ରାଜ୍ୟ ମହିଳା ମୋର୍ଚ୍ଚାର ସଭାନେତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି ।

ଏହି ସୋସିଆଲ ମିଡିଆ ବୈଠକରରେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ରାଜ୍ୟ ସଂପାଦିକା ସୀମନ୍ତିନୀ ଜେନା, ସାଧାରଣ ସଂପାଦିକା ପ୍ରତିଭା ଶତପଥୀ, ଉପସଭାପତି କାନନବାଳା ପଟ୍ଟନାୟକ, ସ୍ମୃତି ପଟ୍ଟନାୟକ, ବିଜୟାଲକ୍ଷ୍ମୀ ମହାପାତ୍ର, ଐଶ୍ୱର୍ଯ୍ୟା ବିଶ୍ୱାଳ, ରଶ୍ମିରେଖା ଦାସ, ବବିତା ପାତ୍ର, ସୋସିଆଲ ରାଜ୍ୟ ମିଡିଆ ସଂଯୋଜିକା କସ୍ତୁରୀ ମିଶ୍ର, ସୁଜାତା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**